# NATIONAL NEWS BULLETIN (ODIA)

**6 January - 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ବିକଶିତ ଭାରତ ସ୍ୱପ୍ନ ସାକାର କରିବା ଦିଗରେ ରେଳବାଇର ଭୂମିକା ଗୁରୁତ୍ୱପୂର୍ଣ୍ଣ-କହିଲେ ପ୍ରଧାନମନ୍ତ୍ରୀ ।

- ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ୩ଟି ରେଳ ପ୍ରକଳ୍ପର କଲେ ଉଦ୍‌ଘାଟନ ଓ ଶିଳାନ୍ୟାସ ।

- ଗୁରୁ ଗୋବିନ୍ଦ ସିଂହଜୀଙ୍କ ପ୍ରକାଶ ପର୍ବ ପାଳନ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ।

- ଗ୍ରାମ ବିକାଶ ଏବଂ ଆତ୍ମନିର୍ଭର ଭାରତ ଗଠନ ଦିଗରେ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକ କାର୍ଯ୍ୟ କରୁଛନ୍ତି ବୋଲି କହିଲେ ଲୋକସଭା ବାଚସ୍ପତି ।

- ଦେଶରେ ୨ଟି ଏଚ୍‌ଏମ୍‌ପିଭି ମାମଲା ଚିହ୍ନଟ ପରେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କଲା ସ୍ୱାସ୍ଥ୍ୟ ଓ ମନ୍ତ୍ରଣାଳୟ ।

ଏବଂ

- ତାମିଲନାଡୁ ବିଧାନସଭାର ଶୀତକାଳୀନ ଅଧିବେଶନ ଆରମ୍ଭ ।

# ପିଏମ୍-ରେଲଓ୍ୱେ ପ୍ରୋଜେକ୍ଟସ

ଉତ୍ତମ ଯାତ୍ରୀ ସୁବିଧା ଏବଂ ରେଳବାଇ କ୍ଷେତ୍ରରେ ନିଯୁକ୍ତି ସୁଯୋଗକୁ ଅଧିକ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ସର୍ବଦା ପ୍ରୟାସ ଜାରି ରଖିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ସେ କହିଛନ୍ତି ଏଥିପାଇଁ ବିଭିନ୍ନ ସମୟରେ ପଦକ୍ଷେପ ଗ୍ରହଣ କରାଯିବା ସହ ଯାତ୍ରୀଙ୍କୁ ଅତ୍ୟାଧୁନିକ ସୁବିଧା ସୁଯୋଗ ପ୍ରଦାନର ବ୍ୟବସ୍ଥା କରାଯାଉଛି । ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଆଜି ୩ଟି ରେଳପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବା ଅବସରରେ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ସେ କହିଛନ୍ତି ବିକଶିତ ଭାରତ ସ୍ୱପ୍ନ ସାକାର କରିବା ଦିଗରେ ରେଳବାଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ସେ କହିଛନ୍ତି ...

## V/o-

ପ୍ରଧାନମନ୍ତ୍ରୀ ଆଜି ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିବା ରେଳପ୍ରକଳ୍ପ ଗୁଡ଼ିକ ମଧ୍ୟରେ ରହିଛି ନୂତନ ଜାମ୍ମୁ ରେଳ ଡିଭିଜନ, ତେଲଙ୍ଗାନାର ଚାର୍ଲାପଲ୍ଲୀ ନୂଆ ଟର୍ମିନାଲ୍ ଷ୍ଟେସନ ଏବଂ ଓଡ଼ିଶାର ରାୟଗଡ଼ା ରେଳ ଡିଭିଜନ ଭବନ । ଜାମ୍ମୁ ରେଳ ଡିଭିଜନ ଗଠନ ଦ୍ୱାରା ଜାମ୍ମୁ କାଶ୍ମୀର ଏବଂ ଏହାର ଆଖପାଖ ଅଞ୍ଚଳ ପାଇଁ ବିଶେଷ ଲାଭଦାୟକ ସାବ୍ୟସ୍ତ ହେବ । ଏଥିରେ ପଠାନକୋଟ, ଜାମ୍ମୁ, ଉଦ୍ଧମପୁର, ଶ୍ରୀନଗର, ବାରମୂଳା, ଭୋଗପୁର ସିରୱାଲ, ବଟାଲା ଏବଂ ଯୋଗୀନ୍ଦରନଗର ସେକସନ ଆଦି ରହିବ । ଏ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ଭିତ୍ତିଭୂମି ବିକାଶ ଏବଂ ପର୍ଯ୍ୟଟନ କ୍ଷେତ୍ରକୁ ପ୍ରୋତ୍ସାହନ ମିଳିବ ।

ତେଲଙ୍ଗାନାର ମେଦଚାଲ୍- ମଲକାଜଗିରି ଜିଲ୍ଲାରେ ଥିବା ଚାର୍ଲାପଲ୍ଲୀ ନିଉ ଟର୍ମିନାଲ୍ ଷ୍ଟେସନକୁ ଏକ ନୂତନ କୋଚିଂ ଟର୍ମିନାଲ୍ ଭାବରେ ବିକଶିତ କରାଯାଇଛି । ଏଥିପାଇଁ ପ୍ରାୟ ୪୧୩ କୋଟି ଟଙ୍କା ବ୍ୟୟ ହୋଇଛି । ଉତ୍ତମ ଯାତ୍ରୀ ସୁବିଧା ଥିବା ଏହି ପରିବେଶ ଅନୁକୂଳ ଟର୍ମିନାଲ୍ ସିକନ୍ଦରାବାଦ, ହାଇଦ୍ରାବାଦ ଏବଂ କାଚେଗୁଡ଼ା ଭଳି ସହରରେ ଥିବା କୋଚିଂ ଟର୍ମିନାଲ୍‌ରେ ଯାତ୍ରୀ ଭିଡ଼କୁ ହ୍ରାସ କରିବ ।

ପୂର୍ବତଟ ରେଳପଥର ରାୟଗଡ଼ା ରେଳ ଡିଭିଜନ ଭବନ ଓଡ଼ିଶା, ଆନ୍ଧ୍ରପ୍ରଦେଶ ଏବଂ ଆଖପାଖ ଅଞ୍ଚଳରେ ଯୋଗାଯୋଗରେ ଉନ୍ନତି ଆଣିବା ସହ ସାମଗ୍ରିକ, ସାମାଜିକ ଏବଂ ଅର୍ଥନୈତିକ ପ୍ରଗତିରେ ସହାୟକ ହେବ ବୋଲି ଜଣାପଡ଼ିଛି ।

## ଜୟଶଙ୍କର-ସୁଲିଭାନ

ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଏବଂ ଆମେରିକା ଜାତୀୟ ସୁରକ୍ଷା ପରାମର୍ଶଦାତା ଜେକ୍ ସୁଲିଭାନଙ୍କ ମଧ୍ୟରେ ଆଜି ନୂଆଦିଲ୍ଲୀଠାରେ ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକ ସମୟରେ ଦ୍ୱିପାକ୍ଷୀୟ, ଆଞ୍ଚଳିକ ଏବଂ ବୈଶ୍ୱିକ ସହଯୋଗକୁ ମଜଭୁତ କରିବା ଦିଗରେ ଆଲୋଚନା ହୋଇଥିଲା । ସାମାଜିକ ଗଣମାଧ୍ୟମର ଏକ ପୋଷ୍ଟରେ ଶ୍ରୀ ଜୟଶଙ୍କର କହିଛନ୍ତି ଭାରତ ଏବଂ ଆମେରିକା ମଧ୍ୟରେ ସହଭାଗିତା ସୃଷ୍ଟି କରିବାରେ ଜାକେ ସୁଲିଭାନଙ୍କର ବ୍ୟକ୍ତିଗତ ଅବଦାନକୁ ପ୍ରଶଂସା

କରିଛନ୍ତି । ଆଜି ନୂଆଦିଲ୍ଲୀରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଆମେରିକା ପ୍ରତିପକ୍ଷ ଜାକେ ସୁଲିଭାନଙ୍କୁ ଭେଟିବେ । ବୈଠକରେ ଦ୍ୱିପାକ୍ଷୀୟ ପ୍ରସଙ୍ଗ ତଥା ଆଧୁନିକ ପ୍ରଯୁକ୍ତିବିଦ୍ୟାର ଉପଯୋଗ ସମ୍ପର୍କିତ ପ୍ରସଙ୍ଗ ଉପରେ ବ୍ୟାପକ ଆଲୋଚନା ହେବ ।

## ପଞ୍ଚାୟତିରାଜ-ଓମ୍ ବିର୍ଲା

ପଞ୍ଚାୟତ ସେ ସଂସଦ ୨ ଦଶମିକ ଶୂନ କାର୍ଯ୍ୟକ୍ରମକୁ ଆଜି ଲୋକସଭା ବାଚସ୍ପତି ଓମ୍ ବିର୍ଲା ଉଦ୍‌ଘାଟନ କରିଛନ୍ତି । ନୂଆଦିଲ୍ଲୀସ୍ଥିତ ସମ୍ବିଧାନ ସଦନର କେନ୍ଦ୍ରୀୟ ହଲ୍‌ରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବାଚସ୍ପତି ଶ୍ରୀ ବିର୍ଲା ଏହାକୁ ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି ଗ୍ରାମ ବିକାଶ ଏବଂ ଆତ୍ମନିର୍ଭର ଭାରତ ସ୍ୱପ୍ନକୁ ସାକାର କରିବା ଦିଗରେ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକ କାର୍ଯ୍ୟ କରୁଛନ୍ତି । ଦେଶର ଐତିହ୍ୟ ଓ ସଂସ୍କୃତିରେ ମହିଳାଙ୍କର ବଡ ଅବଦାନ ରହିଛି । ମହିଳାଙ୍କୁ ସାମାଜିକ ଏବଂ ଅର୍ଥନୈତିକ କ୍ଷେତ୍ରରେ ସଶକ୍ତ ଓ ଆତ୍ମନିର୍ଭରଶୀଳ କରିବାରେ ପଞ୍ଚାୟତର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ କହିଛନ୍ତି । କାର୍ଯ୍ୟକ୍ରମରେ ଯୋଗଦେଇ ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ କହିଛନ୍ତି କେନ୍ଦ୍ର ସରକାରଙ୍କ କଲ୍ୟାଣକାରୀ ଯୋଜନାକୁ ତୃଣମୂଳସ୍ତରରେ ପହଞ୍ଚାଇବାରେ ପଞ୍ଚାୟତର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି କାର୍ଯ୍ୟକ୍ରମରେ ୨୦ଟି ରାଜ୍ୟ

ଏବଂ କେନ୍ଦ୍ରଶାସିତ ଅଞ୍ଚଳର ପଞ୍ଚାୟତିରାଜ ଅନୁଷ୍ଠାନର ପାଖାପାଖି ୫୦୦ ନିର୍ବାଚିତ ମହିଳା ପ୍ରତିନିଧି ଅଂଶଗ୍ରହଣ କରୁଛନ୍ତି ।

## ନିର୍ମଳା-ବଜେଟ୍

କେନ୍ଦ୍ର ଅର୍ଥ ଏବଂ କର୍ପୋରେଟ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ନୂଆଦିଲ୍ଲୀରେ ଅଂଶୀଦାର ଏବଂ ଟ୍ରେଡ ୟୁନିୟନର ପ୍ରତିନିଧିଙ୍କ ସହ ଅଷ୍ଟମ ପ୍ରାକ୍ ବଜେଟ୍ ପରାମର୍ଶ ବୈଠକରେ ଅଧ୍ୟକ୍ଷତା କରିଛନ୍ତି । ଏହି ବୈଠକ ୨୦୨୫-୨୬ କେନ୍ଦ୍ରୀୟ ବଜେଟ୍‌ର ପ୍ରସ୍ତୁତି ପୂର୍ବରୁ ଆୟୋଜନ କରାଯାଇଥିଲା । ଏହି ବୈଠକରେ କେନ୍ଦ୍ର ଅର୍ଥରାଷ୍ଟ୍ର ମନ୍ତ୍ରୀ ପଙ୍କୋଜ ଚୌଧୁରୀ, ଅର୍ଥସଚିବ, ବିନିଯୋଗ ଏବଂ ଲୋକସମ୍ପର୍କ ପରିଚାଳନା ବିଭାଗ, ଅର୍ଥନୈତିକ ବ୍ୟାପାର ବିଭାଗ, ଶ୍ରମ ମନ୍ତ୍ରଣାଳୟ ଏବଂ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଉପସ୍ଥିତ ଥିଲେ ।

## ଏଚ୍ଏମ୍ପିଭି

ଚୀନ୍‌ରେ ଏଚ୍ଏମ୍ପିଭି ଭୂତାଣୁର ପ୍ରକୋପ ବୃଦ୍ଧି ପାଇବା ପରେ କର୍ଣ୍ଣାଟକରେ ଦୁଇଟି ଏଚ୍ଏମ୍ପିଭି ମାମଲା ଚିହ୍ନଟ ହୋଇଛି । ସ୍ୱାସ୍ଥ୍ୟ ଏବଂ ପରିବାର ମନ୍ତ୍ରଣାଳୟ କହିଛି ଭାରତୀୟ ଚିକିତ୍ସା ଅନୁସନ୍ଧାନ ପରିଷଦ ଆଇ.ସି.ଏମ୍.ଆର୍ ଏଚ୍ଏମ୍ପିଭିର ଦୁଇଟି ମାମଲା ଚିହ୍ନଟ କରିଛି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏହା ଉପରେ ତୀକ୍ଷ୍ଣ ନଜର ରଖିଛି । ୩ ମାସର ଝିଅ

ଏବଂ ୮ ମାସର ପୁଅ ଏଚ୍‌ଏମ୍‌ପିଭି ସଂକ୍ରମିତ ହୋଇଥିବା ଜଣାପଡିଛି । ଏହି ଦୁଇଜଣଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସ୍ଥିର ରହିଛି ଏବଂ ସେମାନେ ବିଦେଶ ଗସ୍ତ କରିନଥିବା ଜଣାପଡିଛି । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଭାରତ ସମେତ ବିଶ୍ୱର ଅନ୍ୟ ସ୍ଥାନରେ ଏଚ୍‌ଏମ୍‌ପିଭି ସଂକ୍ରମଣ ନେଇ ଖବର ହସ୍ତଗତ ହୋଇଛି । ଏନେଇ ସଂକ୍ରମିତଙ୍କଠାରେ ନିଃଶ୍ୱାସ ପ୍ରଶ୍ୱାସଜନିତ ଅସୁବିଧା ନେଇ ମାମଲା ପ୍ରକାଶ ପାଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଚୀନ୍‌ରେ ସଂକ୍ରମଣ ସ୍ଥିତି ନେଇ ସୂଚନା ପ୍ରଦାନ କରୁଛି ।

ଏହି ପରିସ୍ଥିତି ନେଇ କର୍ଣ୍ଣାଟକର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଦୀନେଶ ଗୁଣ୍ଡୁରାଓ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ଗଣମାଧ୍ୟମ ସହ ଆଲୋଚନା ବେଳେ ମନ୍ତ୍ରୀ ଶ୍ରୀ ରାଓ କହିଛନ୍ତି କର୍ଣ୍ଣାଟକ ସରକାର ଆଇସିଏମ୍‌ଆର୍ ସହ ଯୋଗାଯୋଗରେ ଅଛନ୍ତି । ଭୂତାଣୁ ସଂକ୍ରମଣ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ।

ଦେଶରେ ସଂକ୍ରମଣ ପରିସ୍ଥିତିକୁ ଦୃଷ୍ଟିରେ ରଖି ଦିଲ୍ଲୀ ସ୍ୱାସ୍ଥ୍ୟ ବିଭାଗ ଏକ ମାର୍ଗଦର୍ଶିକା ଜାରି କରିଛି । ଇଣ୍ଟିଗ୍ରେଟେଡ ହେଲ୍‌ଥ ଇନ୍‌ଫରମେସନ ପ୍ଲାଟଫର୍ମ ପୋର୍ଟାଲ ଜରିଆରେ ସଂକ୍ରମଣଜନିତ ରୋଗ ଏବଂ ଏ ସଂକ୍ରାନ୍ତ ମାମଲାଗୁଡ଼ିକୁ ରିପୋର୍ଟ କରିବାକୁ ହସ୍ପିଟାଲଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । ସଂକ୍ରମିତ ରୋଗୀଙ୍କୁ ଆଇସୋଲେସନ ନିୟମାବଳୀ ଅନୁଯାୟୀ ରଖିବା ସହ ସାର୍ବଜନୀନ ସତର୍କତା ଅବଲମ୍ବନ କରିବାକୁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଦେଇଛି ।

# ଟିଏନ୍-ଆସେମ୍ଲି ସେସନ

ତାମିଲନାଡୁ ବିଧାନସଭାର ଶୀତକାଳୀନ ଅଧିବେଶନ ଆଜିଠାରୁ ଆରମ୍ଭ ହୋଇଛି । ଏହା ଚଳିତମାସ ୧୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ବାଚସ୍ପତି ଆପାଭୁ ରାଜ୍ୟପାଳଙ୍କ ଅଭିଭାଷଣକୁ ଗୃହରେ ପଢ଼ି ଶୁଣାଇଥିଲେ । ଏହାପରେ ଗୃହର ନେତା ଦୁରାଇ ମୁରଗନ ରାଜ୍ୟପାଳଙ୍କ ଅଭିଭାଷଣକୁ ଇଂରାଜୀ ଏବଂ ତାମିଲରେ ବିଧାନସଭାର କାର୍ଯ୍ୟାବଳୀରେ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ଏହି ପ୍ରସ୍ତାବ ମୌଖିକ ମତଦାନ ପରେ ଗୃହୀତ ହୋଇଥିଲା । ପରମ୍ପରା ଅନୁଯାୟୀ ବିଧାନସଭା ଅଧିବେଶନ ଜାରି ରହିବ ବୋଲି ବାଚସ୍ପତି ଆପାଭୁ କହିଛନ୍ତି । ଇତିମଧ୍ୟରେ ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍.ରବି ଟ୍ୱିଟ୍ କରି ବିଧାନସଭାରେ ଭାରତର ସମ୍ବିଧାନ ଏବଂ ଜାତୀୟ ସଙ୍ଗୀତର ଅସମ୍ମାନ କରାଯାଇଛି ବୋଲି ଅଭିଯୋଗ କରିଛନ୍ତି ।